# ତହସିଲଦାରଙ୍କ କାର୍ଯ୍ୟାଳୟ, ଜୟପାଟଣା, ଜିଲ୍ଲା- କଳାହାଣ୍ଡି

ଲଘୁ ଖଣିଜ ଉତ୍ସ (ପଥର)ର 5 ବର୍ଷିଆ ଲିଜ୍ ନିମନ୍ତେ

**ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା ...1100........./ ତୌଜି ତା. ..13./.05./2020

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ ଗୁଡିକର ଦୀର୍ଘମିଆଦି ଲିଜ୍ ତଥା 5 ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜର ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରି) ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ.1000/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା. 14.05.2020 ରୁ ତା. 28.05.2020 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ (ଅପରାହ୍ନ 1.00 ଘଟିକା) ମଧ୍ୟରେ ତହସିଲର ଶାଖାଧିକାରୀଙ୍କ ଠାରେ ମିଳିପାରିବ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର, ଜୟପାଟଣାଙ୍କ କାର୍ଯ୍ୟାଳୟ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା www.kalahandi.nic.in ୱେବସାଇଟ୍ ଲଗଅନ୍ କରନ୍ତୁ । ଏହି ଉତ୍ସ ଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସ ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

**ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ**

| କ୍ର. ନଂ. | ପଥର ଖାଦାନ ଉତ୍ସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ଲିଜ୍ ଏରିଆ (ଏକରରେ) |
|---|---|---|---|---|---|---|
| 1 | ଲାଖବାହାଲି ପଥର ଉତ୍ସ | ଲାଖବାହାଲି | 349 | 601 | ଡୁଙ୍ଗୁରି | 8.00 |
| 2 | ମଟୁଆଲଗୁଡା ପଥର ଉତ୍ସ | ମଟୁଆଲଗୁଡା | 322 | 499 | ଡଙ୍ଗର | 12.00 |
| 3 | ମଟୁଆଲଗୁଡା ପଥର ଉତ୍ସ | ମଟୁଆଲଗୁଡା | 322 | 337 | ଡଙ୍ଗର | 10.50 |
| 4 | ଆମକୋର ପଥର ଉତ୍ସ | ଆମକୋର | 8 | 210 | ଡୁଙ୍ଗରି | 7.00 |

ତହସିଲଦାର, ଜୟପାଟଣା

ଜ୍ଞାପକ ସଂଖ୍ୟା ...1101......... ତା 13-05-2020

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କଳାହାଣ୍ଡିଙ୍କ ନିକଟକୁ ପ୍ରେରଣ କରାଗଲା । ଏହାକୁ ତା.20.05.2020 ରିଖ ଦିନ ରାଜ୍ୟସ୍ତରୀୟ ପ୍ରକାଶନରେ ପ୍ରକାଶ କରିବା ପାଇଁ ଅନୁରୋଧ ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, କଳାହାଣ୍ଡିଙ୍କ ନିକଟକୁ ଜିଲ୍ଲା ୱେବସାଇଟ୍ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ/ ସଂପୃକ୍ତ ଗ୍ରାମ ପଞ୍ଚାୟତର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ କଳାହାଣ୍ଡି / ଉପଜିଲ୍ଲାପାଳ ଧର୍ମଗଡଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜୟପାଟଣା
13/5/2020